# ଶୈଳୀ ବିଜ୍ଞାନର ବିଚ୍ୟୁତି ପ୍ରସଙ୍ଗ : ଧାନ ସାଉଁଟା ଝିଅ

**ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ**

ଅଧ୍ୟାପିକା ଓଡ଼ିଆ ବିଭାଗ, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ, ଭୋଗରାଇ, ବାଲେଶ୍ୱର

**E-Mail:** susandhyapriyadarsani.13@gmail.com

**Reviewed by:** ପ୍ରଫେସର ନାରାୟଣ ସାହୁ

| Submission Date: | Publication Date: |
| --- | --- |
| 30-04-2025 | 14-07-2025 |

**Article No:** BB-I-III-2025-02

**ସଂକ୍ଷିପ୍ତସାର :**

ସମୟ ପରିବର୍ତ୍ତନଶୀଳ। ସମୟ ସହିତ ପରିବେଶ, ତା ସହ ମଣିଷ ବି' ମଣିଷର ମାନସିକତା ସ୍ଥିର ନୁହେଁ। ସମୟ ସହିତ ତାଳ ଦେଇ ଭାବନାର ପ୍ରସାର ଘଟିଥାଏ। ବଦଳୁ ଥିବା ସମୟ ଓ ଭାବନାକୁ ଧରି ରଖେ ସାହିତ୍ୟ। ସ୍ୱାଧିନତା ପରବର୍ତ୍ତୀ (୧୯୪୭-୧୯୮୦) କବିତା ବୌଦ୍ଧିକ ଉତ୍ତରଣର ଚରମ ସୀମାରେ ପହଞ୍ଚିବାରୁ ପାଠକ ମଧ୍ୟ କବିତାଠାରୁ ଦୁରେଇବାକୁ ଆରମ୍ଭ କରିଛନ୍ତି। ମସ୍ତିସ୍କର ଯନ୍ତ୍ରଣାରୁ ଦୁରେଇ ହୃଦୟର ଡାକ ଶୁଣିଛନ୍ତି କବି। ଗୁଢ଼ ଚିତ୍ରକଳ୍ପ, ପ୍ରତୀକର ଆଧିକ୍ୟ ଅଛି ନା ଦୂର ବିଦେଶର ମିଥ୍; ଏସବୁ ତ୍ୟାଗ କରି କବି ଏଇ ମାଟି ପାଣି ପବନକୁ ଆପଣାର କରିଛନ୍ତି। ଏହି ମାଟିରୁ କଥାବସ୍ତୁ ଗ୍ରହଣ କରିଛନ୍ତି। ଲୋକ ସାହିତ୍ୟକୁ ନୂତନ ଢଙ୍ଗରେ କବିତାର କଳେବରରେ ମଣ୍ଡନ କରାଇଛନ୍ତି। କବିତା ଗଢ଼ିଲା ବେଳେ କବି ନୂତନ ଢ଼ଙ୍ଗରେ ଶବ୍ଦକୁ ରୂପବନ୍ତ କରିଛନ୍ତି ଯାହା ଫଳରେ କବିତାରେ ଶୈଳୀଗତ ଚମତ୍କାରିତା ସୃଷ୍ଟି ହୋଇଛି।

**ପ୍ରମୁଖ ଶବ୍ଦାବଳୀ :** ବିଚ୍ୟୁତି, ଶୈଳୀ, ଶବ୍ଦ, ବାକ୍ୟ, ଧ୍ୱନି, ଅର୍ଥ, କବିତା, ବ୍ୟାକରଣ, କ୍ରିୟା, ବଚନ।

ଉତ୍ତର ଅଶୀର ଓଡ଼ିଆ ସାହିତ୍ୟ ଜଗତର ଏକ ପରିଚିତ ନାମ ହୃଷିକେଶ ମଲ୍ଲିକ। ତାଙ୍କ ରଚିତ କବିତାଗୁଡ଼ିକ ହେଲା – ଧାନ ସାଉଁଟା ଝିଅ, ଉଜୁଡ଼ା କ୍ଷେତର ଗୀତ, ଘଟ ଆକାଶ, ଧର୍ମପତ୍ନୀ, ଜୀବନନାମା, ବସୁକ୍ଷେଣ, ସାଙ୍ଗୀ ଚନ୍ଦ୍ରସୂର୍ଯ୍ୟ, ଜେଜେ ଦେଖି ନଥିବା ଭାରତ, ରେବତୀ, ସରିଯାଇଥିବା ଅପେରା, ଶ୍ରେଷ୍ଠ କବିତା ଇତ୍ୟାଦି। ୧୯୮୮ ମସିହାରେ 'ଧାନ ସାଉଁଟା ଝିଅ' କବିତା ସଂକଳନ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି। 'ଜେଜେ ଦେଖି ନଥିବା ଭାରତ' କବିତା ସଂକଳନ ପାଇଁ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର (୨୦୧୬ ମସିହାରେ) ପାଇଛନ୍ତି।

ଶୈଳୀର ଇଂରାଜୀ ଶବ୍ଦ Style। କବି କବିତା ଗଢିଲା ବେଳେ ପାରମ୍ପାରିକ ଶବ୍ଦ, ଅର୍ଥ, ଧ୍ୱନି ଆଦି ପ୍ରୟୋଗ କରିବା ସହିତ ଆଉ କିଛି ନୂତନତା ଦେବା ପାଇଁ ଚେଷ୍ଟା କରିଛନ୍ତି। ଯାହା ରହି ଆସିଥିବା ଗଢଣ ନିୟମ ବା ପ୍ରଥା ବିରୋଧ। ଏହାକୁ ଆମେ କବିଙ୍କର ମୌଳିକତା ବା ବ୍ୟତିକ୍ରମ କହିପାରିବା। କବିର ଭାଷା ମାନକ ବା ସାହିତ୍ୟର ବା ଗଦ୍ୟର ଭାଷାଠାରୁ ଭିନ୍ନ। କବି କବିତାର ଭାବକୁ ସ୍ୱଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଭାଷା ପ୍ରୟୋଗ କରିଥାନ୍ତି। କବି ନିଜସ୍ୱ ଶୈଳୀକୁ ଗୁରୁତ୍ୱ ଦେଇଥାନ୍ତି। କବିତାରେ ଶବ୍ଦ ପ୍ରୟୋଗ ଦୃଷ୍ଟିରୁ ଶୈଳୀକୁ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ କରାଯାଇଛି।

ବିଚ୍ୟୁତି ଶୈଳୀର ମୁଖ୍ୟ ପ୍ରସଙ୍ଗ। ବ୍ୟାକରଣ ନିୟମର ଅତିକ୍ରମତାକୁ ବିଚ୍ୟୁତି କୁହାଯାଏ। ନିୟମକୁ ଅତିକ୍ରମ କରିବା କବିର ଧର୍ମ। ଏହା ଦ୍ୱାରା କବିତାର ଶୈଳୀରେ ପରିବର୍ତ୍ତନ ଆସେ। କବିତା ବ୍ୟାକରଣର ଧରାବନ୍ଧା ନିୟମରୁ ଉର୍ଦ୍ଧ୍ୱକୁ ଯାଇ ପାଠକର ନିକଟବର୍ତ୍ତୀ ହୁଏ।

ବିଚ୍ୟୁତିର ବହୁବିଧ ରୂପ ରହିଛି। ଯଥା:- ଧ୍ୱନିଗତ, ଶବ୍ଦଗତ, ଅର୍ଥଗତ, ଅନ୍ୱୟଗତ, ବ୍ୟାକରଣଗତ ଓ ଲୈଖିକ ଇତ୍ୟାଦି।

## ଧ୍ୱନିଗତ ବିଚ୍ୟୁତି ବା ବ୍ୟତିକ୍ରମ

କବିତାର ଭାଷାରେ ଧ୍ୱନିର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ କବିତାରେ ଏହା ଲକ୍ଷ୍ୟ କରାଯାଏ ଯେ ଅନେକ ଲେଖକ ସଂଯୁକ୍ତ ଅକ୍ଷରରେ ଥିବା ବର୍ଗ୍ୟ ବ୍ୟଞ୍ଜନର ପଞ୍ଚମ ବ୍ୟଞ୍ଜନ ସ୍ଥାନରେ ଅନୁସ୍ୱାରର ପ୍ରୟୋଗ କରୁଛନ୍ତି। ଯାହା ଧ୍ୱନି ଶୃଙ୍ଖଳକୁ ପ୍ରତିହତ କରିଥାଏ। ଯଥା:- ଚନ୍ଦ୍ର (ଚଂଦ୍ର)। ଚନ୍ଦ୍ର ଶବ୍ଦରେ 'ଚ'-ଏକ ବ୍ୟଞ୍ଜନ ଏବଂ 'ନ୍ଦ୍ର' ସଂଯୁକ୍ତ ବ୍ୟଞ୍ଜନ। 'ନ୍ଦ୍ର' ସଂଯୁକ୍ତ ବ୍ୟଞ୍ଜନଟି (ନ୍+ଦ୍+ର୍+ଅ) ଧ୍ୱନିର ମିଶ୍ରଣରେ ଗଠିତ। କିନ୍ତୁ 'ଚଂଦ୍ର' ଶବ୍ଦରେ (ଚ୍+ଅ+ଂ) + (ଦ୍+ର୍+ଅ) ମିଶି ଶବ୍ଦ ଗଠିତ ହେଉଛି। ଉଚ୍ଚାରଣରେ ପ୍ରଭେଦ ହେଉଛି। ଅନୁସ୍ୱାର ମୁଖ୍ୟତଃ ନିଜ ସ୍ଥାନରେ ପ୍ରୟୋଗ ହେବା ସହ 'ଙ', 'ଞ', 'ଣ', 'ନ', 'ମ' ବ୍ୟଞ୍ଜନ ସ୍ଥାନରେ ବ୍ୟବହୃତ ହେଉଛି। ଯଥା:- ସଂସାର, ସଂଗୀତ, ବଂଚିବା, ମୁଂଡ, ହୁଅଂତି, ଝୁଂପୁଡ଼ି। ଅନୁସ୍ୱାରର ଏହିପରି ବ୍ୟବହାର ଦ୍ୱାରା ଶବ୍ଦରେ ଗଠନଗତ (Structure) ପରିବର୍ତ୍ତନ ହେଉଛି। 'ସଂସାର' ଶବ୍ଦରେ ଅନୁସ୍ୱାର 'ସ' ସହିତ ଯୁକ୍ତ ହୋଇଛି। ଯାହାର ଗଠନ ଏବଂ ଉଚ୍ଚାରଣରେ ପାଠକ ନିକଟରେ ସମସ୍ୟା ନାହିଁ। 'ସଂଗୀତ' ଶବ୍ଦର ଅନୁସ୍ୱାର 'ସ' ସହିତ ଯୁକ୍ତ ହୋଇଛି ସତ୍ୟ କିନ୍ତୁ ଏହା 'ଙ' ନିମନ୍ତେ ବ୍ୟବହୃତ ହୋଇଛି। ମୂଳ ଲିଖିତ ରୂପ 'ସଙ୍ଗୀତ'।

(ସ୍+ଅ)+(ଙ୍+ଗ୍+ଈ)+(ତ୍+ଅ) = ସଙ୍ଗୀତ

(ସ୍+ଅ+ଂ)+(ଗ୍+ଈ)+(ତ୍+ଅ) = ସଂଗୀତ

'ଙ' ଧ୍ୱନିର ଉଚ୍ଚାରଣ ରହିଛି। ଏହା ସହିତ 'ଗ' ବର୍ଣ୍ଣ ଯୁକ୍ତ ହୋଇ 'ଙ୍ଗ' ସଂଯୁକ୍ତ ବର୍ଣ୍ଣ ହୋଇଛି। 'ଙ' ସହିତ 'ଗ' ବର୍ଣ୍ଣ ଯୁକ୍ତ ହୋଇଥିଲା ବେଳେ 'ଙ'କୁ 'ସ' ସହିତ ଯୁକ୍ତ କରି 'ଗ'ଠାରୁ ପୃଥକ୍ କରିବା ଦ୍ୱାରା ଏଠାରେ ବିଚ୍ୟୁତି ଘଟୁଛି। କହିବାର ଅର୍ଥ 'ସ' ସହିତ 'ଙ' ଯୁକ୍ତ ହେଇନାହିଁ ବରଂ 'ଙ' ସହିତ 'ଗ' ଯୁକ୍ତ ହୋଇଛି। 'ଙ' ସହିତ 'ଗ' ମିଶିବା ଏବଂ 'ସ' ସହିତ 'ଙ'କୁ ମିଶାଇବା ସମାନ କଥା ନୁହେଁ।

ସେହିପରି 'ବଞ୍ଚିବା' ସ୍ଥାନରେ 'ବଂଚିବା' ଶବ୍ଦର ପ୍ରୟୋଗରୁ ଜଣାଯାଏ 'ଞ' ସ୍ଥାନରେ 'ଂ'ର ପ୍ରୟୋଗ ହୋଇଛି।

(ବ୍+ଅ)+(ଞ୍+ଚ୍+ଇ)+(ବ୍+ଆ) = ବଞ୍ଚିବା

(ବ୍+ଅ+ଂ)+(ଚ୍+ଇ)+(ବ୍+ଆ) = ବଂଚିବା

ହୃଷିକେଶ ମଲ୍ଲିକ କବିତାରେ ବର୍ଗ୍ୟ ବ୍ୟଞ୍ଜନର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାର ପ୍ରୟୋଗ ହୋଇ ଧ୍ୱନିଗତ ବିଚ୍ୟୁତି ସୃଷ୍ଟି କରୁଛି। ଯଥା:-

- 'ଙ' ସ୍ଥାନରେ 'ଂ'ର ପ୍ରୟୋଗ- ନାଗସାପ ଢାଂକି ଅଛି ପାଟଛତା (କି ଦୃଶ୍ୟ ଏ ସଜନୀ, ପୃ-୩୬)
- 'ଣ' ସ୍ଥାନରେ 'ଂ'ର ପ୍ରୟୋଗ- ବେତ ପାଛିଆଟି ମୁଂଡ଼ରେ ଥୁଏ (ଧାନ ସାଉଁଟା ଝିଅ, ପୃ-୮୬)
- 'ଞ' ସ୍ଥାନରେ 'ଂ'ର ପ୍ରୟୋଗ- ଶେଯ ନଛାଡୁଣୁ ଶାଶୁ ବୁଢ଼ୀ ଖଂଜିଦିଏ ()
- 'ନ' ସ୍ଥାନରେ 'ଂ'ର ପ୍ରୟୋଗ- ପାଣି ଲୋଟା, ଦାଂତକାଠି (ଉର୍ମିଳା, ପୃ-୫୮)
- 'ମ' ସ୍ଥାନରେ 'ଂ'ର ପ୍ରୟୋଗ- ତୋ ଝୁଂପୁଡ଼ିଘର (ଉସ୍ମାନତାରା, ପୃ-୬୫)

ପ୍ରତ୍ୟେକ ଭାଷାରେ ଯାଦୃଚ୍ଛିକ ଧ୍ୱନିଗୁଡ଼ିକ ଅର୍ଥହୀନ ହେଲେ ହେଁ, ଏହି ଯାଦୃଚ୍ଛିକ ଧ୍ୱନିଗୁଡ଼ିକୁ ଠିକ ଭାବରେ ସଜାଇ ରଖିଲେ ଏହା ଅର୍ଥପୂର୍ଣ୍ଣ ଏକକ ରୂପରେ ପରିଗଣିତ ହୋଇଥାଏ। ଧ୍ୱନ୍ୟାତ୍ମକ ଶବ୍ଦ ଭାଷାର ବିଭବ ଅଟେ। କବିତାରେ ବହୁଳ ପରିମାଣରେ କଥିତ ପ୍ରଚଳିତ ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ ହେଉଥିଲେ ହେଁ କେତେକ କ୍ଷେତ୍ରରେ ପ୍ରଚଳିତ ଧ୍ୱନ୍ୟାତ୍ମକ ଶବ୍ଦ ନିର୍ଦ୍ଦିଷ୍ଟ ଶବ୍ଦ ନିକଟରେ ବ୍ୟବହୃତ ହୋଇଥାଏ। ସେତେବେଳେ ନୂତନ ଧ୍ୱନ୍ୟାତ୍ମକ ଶବ୍ଦର ଅର୍ଥଗତ ବ୍ୟାପ୍ତି ପରିଲକ୍ଷିତ ହୋଇଥାଏ। ଏହା ଅଧିକ ବ୍ୟଞ୍ଜନା ଧର୍ମୀ ହୋଇଥାଏ। ଡକ୍ଟର ହୃଷିକେଶ ମଲ୍ଲିକ 'ବୋଉ ପାଇଁ', 'ମୁହଁଟିଏ', 'ପାହି ଆସୁଥାଏ ରାତି', 'ଖୁଲଣା ସୁନ୍ଦରୀ', 'ନୂଆଁଉ' ଆଦି କବିତାରେ ଧାଡ଼ି ଧାଡ଼ିକା, ନହ ନହକା, ଚବଚବକା, ଶିର୍‌ଶିର୍, ଗୁମସୁମ, ଥଲ୍‌ଥଲ୍, ଝଟଝଟ ଆଦି ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କରିଛନ୍ତି।

"ଧାଡ଼ିଧାଡ଼ିକା ପାହାଡ଼ ନହନହକା ନରେଚବଚବକା କ୍ଷେତ ଡେଇଁ"

(ବୋଉ ପାଇଁ, ପୃ-୧୬)

ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକ ବୀପ୍‌ସାର୍ଥରେ ବା କବିତାରେ କାବ୍ୟିକ ମୁଖରତା ସୃଷ୍ଟି କରିବା ପାଇଁ ବାରମ୍ବାର ବ୍ୟବହୃତ ହୋଇଛି। ଶିର୍‌ଶିର୍ ପ୍ରାୟତଃ ନୀରବତା ଶବ୍ଦ ବ୍ୟବହାର ହୁଏ ନାହିଁ। ଶିରଶିର୍ ଗୀତ, ଦେହ ଶିର୍‌ଶିର୍ ହୋଇଯାଉଛି ଏହିପରି ସ୍ଥଳେ ଶବ୍ଦ ବ୍ୟବହାର ହୋଇଥାଏ। କବି ଶିର୍‌ଶିର୍ ନିକଟରେ ନୀରବତା ଶବ୍ଦ ପ୍ରୟୋଗ କରି ଅର୍ଥଗତ ବ୍ୟଞ୍ଜନା ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ସେହିପରି ଭାବରେ ଗୁମସୁମ ନିରବତା, ଥଲଥଲ ଦୁଃଖରେ, ଝଟଝଟ ଅନ୍ଧାରରେ ଏହି ପରି ବହୁ ନୂତନ ଧ୍ୱନ୍ୟାତ୍ମକ ଯୁଗ୍ମ ଶବ୍ଦ ବ୍ୟବହାର କରିଛନ୍ତି। ଗୋଟିଏ ଶବ୍ଦ ଅନ୍ୟଟି ପାଖରେ ସାଧାରଣତଃ ବ୍ୟବହାର ହୁଏ ନାହିଁ। କବିତାର ଧ୍ୱନିଗତ ସୁନ୍ଦରତା, ଅର୍ଥଗତ ଚମତ୍କାରିତା ଓ ପାଠକର ହୃଦୟରେ ବୌଦ୍ଧିକ ମାନସ ମନ୍ଥନ କରିବା ପାଇଁ କବି ଏହି ପରି ଯୁଗ୍ମ ଶବ୍ଦର ପ୍ରୟୋଗ କରିଛନ୍ତି ଯାହା ଓଡ଼ିଆ କଥିତ ଭାଷାରେ ବ୍ୟବହାର ହୋଇନଥାଏ। ଏହାକୁ କବିଙ୍କର ଧ୍ୱନିଗତ ଚମତ୍କାରିତା ବା ନୂତନତା ତଥା ବିଚ୍ୟୁତି କୁହାଯାଇ ପାରେ।

### ବ୍ୟାକରଣଗତ ବିଚ୍ୟୁତି

ବ୍ୟାକରଣ ହେଉଛି ନିୟମ ବା ବନ୍ଧନ। କବି କୌଣସି ନିୟମରେ ବାନ୍ଧି ହୋଇ ରହିବାକୁ ଚାହାନ୍ତି ନାହିଁ। ସେ ଯେବେ ମୁକ୍ତ ଆକାଶରେ ବିଚରଣ କରିବାକୁ ଚାହାନ୍ତି ସେତେବେଳେ ବ୍ୟାକରଣସ୍ତରରେ ପରିବର୍ତ୍ତନ ହୋଇଥାଏ। କବି ପରମ୍ପରାକୁ ସମ୍ମାନ ଦିଅନ୍ତି। କବିତାକୁ

ବୋଧଗମ୍ୟ, ଅର୍ଥବୋଧକ, ସାଙ୍ଗୀତିକ ରୂପ ଦେବା ପାଇଁ ବ୍ୟାକରଣଗତ ନିୟମକୁ ଉଲଙ୍ଘନ ବା ଅତିକ୍ରମ କରନ୍ତି। କବି ନୂତନ କରି କ୍ରିୟାପଦ ସୃଷ୍ଟି କରିଛନ୍ତି, ଶବ୍ଦ ପୂର୍ବରୁ ବିଭକ୍ତିର ପ୍ରୟୋଗ, ଅପ୍ରାଣୀବାଚକଠାରେ ମନୁଷ୍ୟତ୍ୱର ଆରୋପଣ ଓ ପ୍ରାଣୀବାଚକ ବିଭକ୍ତିର ପ୍ରୟୋଗ କରିଛନ୍ତି।

(କ) "ମାଳମାଳ ମେଘ ଚଅଁରି ଯିବ" (ବୋଉ ପାଇଁ, ପୃ-୧୬)

ଏଠାରେ 'ଚଅଁରି ଯିବ' ନୂତନ କ୍ରିୟାପଦର ପ୍ରୟୋଗ ହୋଇଛି।

(ଖ) "ରେ ଫୁଲତୋଳା ପୁଅ"!(ଫୁଲତୋଳା, ପୃ-୧୭)

ଏଠାରେ ଶବ୍ଦର ପୂର୍ବରୁ ବିଭକ୍ତିର ପ୍ରୟୋଗ ହୋଇଛି। ଏପରି ସାଧାରଣତଃ କଥିତ ଭାଷାରେ ହୋଇଥାଏ। ଏହା ସମ୍ବୋଧନ ଅର୍ଥକ ପ୍ରଥମା ବିଭକ୍ତିର ପ୍ରୟୋଗ।

(ଗ) ରାସ୍ତାମାନଙ୍କୁ ପ୍ରଶ୍ନ କର ଭୁବନେଶ୍ୱର (ପୃ-୭୬)

ଏଠାରେ ଅପ୍ରାଣୀବାଚକ ଶବ୍ଦରେ ପ୍ରାଣୀବାଚକ ବିଭକ୍ତି ପ୍ରୟୋଗ ହୋଇଛି।

(ଘ) ବୁଜି ହୋଇଯାଏ ତାରାଙ୍କର ଆଖିପତା

(ସାରାରାତି, ପୃ-୨୨)

ଏଠାରେ କବି ଅପ୍ରାଣୀବାଚକ ଶବ୍ଦରେ ପ୍ରାଣୀତ୍ୱର ଆରୋପ କରିଛନ୍ତି।

କବି ବିଶେଷ୍ୟ ପଦ ନିକଟରେ ଏପରି ବିଶେଷଣ ପଦର ପ୍ରୟୋଗ କରିଛନ୍ତି ଯାହା ସାଧାରଣତଃ ବିଶେଷ୍ୟ ପଦରେ ପ୍ରୟୋଗ ହୁଏ ନାହିଁ। ଯଥା :–

- ଛେଉଣ୍ଡ ପବନ, (ଫୁଲତୋଳା, ପୃ-୧୮)
- ଭୁଣ୍ଡା ମଫସଲ (ମୁହଁଟିଏ, ପୃ-୪୬)
- ବନ୍ଧ୍ୟା ଆଳାଖ, ନପୁଂସକ ଜହ୍ନ, ସବାଖାଇ ମାଟି

(ମୋହିନୀ ରୂପରେ ଶୋଇଥିଲେରେ ଇଶ୍ୱର, ପୃ-୪୮)

- ମାଇ କାକର, କଅଁଳ ପଚପଚ ଖରାରେ, (ଗୋଟିଏ ଗାଁର ଦୃଶ୍ୟ, ପୃ-୭୮)
- ମେଘ ହୁଏ ବର୍ଷାବତୀ ଗାଇ ହଏ କ୍ଷୀରବତୀ।

(ଫୁଲତୋଳା, ପୃ-୧୮)

ଗର୍ଭବତୀ, ସଞ୍ଜବତୀ, ପରି 'ବର୍ଷାବତୀ', 'କ୍ଷୀରବତୀ', ଦୁଇଟି ନୂତନ ଶବ୍ଦର ପ୍ରୟୋଗ କବି କରିଛନ୍ତି। ଏହି ଶବ୍ଦ ଦୁଇଟି 'ବର୍ଷ' ଧାତୁରେ 'ଆ' ପ୍ରତ୍ୟେୟ ସଂଯୋଗରେ ବର୍ଷା ଶବ୍ଦ ସୃଷ୍ଟି, 'ବତ୍' ଧାତୁରେ 'ଈ' ପ୍ରତ୍ୟେୟ ଲାଗି 'ବତୀ' ଶବ୍ଦର ଉତ୍ପତି।

'କ୍ଷି' ଧାତୁରେ କର୍ତ୍ତା କାରକରେ 'ଇର' ପ୍ରତ୍ୟେୟ ଲାଗି କ୍ଷୀର ଶବ୍ଦର ସୃଷ୍ଟି 'ବତ୍' ଧାତୁରେ 'ଈ' ପ୍ରତ୍ୟେୟରେ 'ବତୀ' ଶବ୍ଦ। କ୍ଷୀରବତୀ, ବର୍ଷାବତୀ, ଦୁଇଟି ନୂତନ ଶବ୍ଦର ପ୍ରୟୋଗ 'ଫୁଲତୋଳା' କବିତାରେ କବି କରିଛନ୍ତି।

ଦୁଆରେ ଛୁଞ୍ଚ କନା ବୁଲିଯାଏ।

(ଝିଅ: ଛେଲିଗୋଠ, ପୃ-୧୧)

ଏଠାରେ 'ବୁଲିଯାଏ' କ୍ରିୟାପଦର ବ୍ୟବହାର କରାଯାଇଛି। 'ବୁଲାଯାଏ' କ୍ରିୟା ସ୍ଥାନରେ 'ବୁଲିଯାଏ' କ୍ରିୟାର ବ୍ୟବହାର ହୋଇ କ୍ରିୟାପଦଗତ ବିଚ୍ୟୁତି ହୋଇଛି।

ମୁଁ ଯା' ଆସ କରୁଥିବା ବାଟମାନେ

କ୍ରମଶଃ ବାସିଲେ।

ଏଠାରେ 'ବାସିଲେ' କ୍ରିୟାର ବ୍ୟବହାର କରାଯାଉଛି। 'ବାଟ' ବାସେ ନାହିଁ। ବାସିଲେ କ୍ରିୟା ପଦଟି ପ୍ରାଣୀବାଚକ କ୍ରିୟା। ଏଣୁ ଏଠାରେ କ୍ରିୟାଗତ ବିଚ୍ୟୁତି ହୋଇଛି। କବି 'ବାଟ' ଶବ୍ଦ ସହ 'ମାନେ' ପ୍ରାଣୀବାଚକ ବହୁବଚନାତ୍ମକ ପ୍ରତ୍ୟୟ ଯୋଗ କରିଥିବାରୁ 'ବାସିଲେ' କ୍ରିୟାପଦର ଯୋଗ କରାଇ କାବ୍ୟ ସୌନ୍ଦର୍ଯ୍ୟକୁ ବଢ଼ାଇଛନ୍ତି।

**ଶବ୍ଦଗତ ବିଚ୍ୟୁତି**

କବି କବିତାରେ ଶବ୍ଦ ସଂଯୋଜନା କଲା ବେଳେ ଶବ୍ଦ ବସାଣରେ ନୂତନତା ଆଣିବା ପାଇଁ ପ୍ରଚଳିତ, ଅପ୍ରଚଳିତ, ଆଞ୍ଚଳିକ, ଦେଶଜ, ଗ୍ରାମୀଣ, ହିନ୍ଦୀ, ଇଂରାଜୀ, ଲୋକ କଥିତ ଶବ୍ଦାଦିର ପ୍ରୟୋଗ କରିଥାନ୍ତି। ବେଳେବେଳେ କବି ଶବ୍ଦର ଶୁଦ୍ଧ ରୂପକୁ ଛାଡ଼ି ଅପ୍ରଚଳିତ ବା ବିକୃତ ରୂପକୁ କବିତାରେ ପ୍ରୟୋଗ କରିଥାନ୍ତି। ଡ. ମଲ୍ଲକଙ୍କ 'ଧାନ ସାଉଁଟା ଝିଅ' କବିତା ସଂକଳନରେ ବହୁ ପରିମାଣରେ ଆଞ୍ଚଳିକ ଗ୍ରାମୀଣ କଥିତ ଓ ଅପଭ୍ରଂଶ ଭାବେ ଉଚ୍ଚାରିତ ଓଡ଼ିଆ ଶବ୍ଦର ପ୍ରୟୋଗ କରିଛନ୍ତି। ଯଥା –

"ନହୁ ଶୁଖି ଯାଉଅଛି", (ଛଦ୍ମବେଶ, ପୃ-୧୩)

"ନିଜକୁ ମୁଁ ନୁଚାଇବି" (ଛଦ୍ମବେଶ, ପୃ-୧୪)

"ନୁଣ ଶାମୁକେ ଉଧାର ପାଇଁ" (ବୋଉ ପାଇଁ, ପୃ-୧୬)

"ହାତରେ ନିଭିଲା ମୋର ଜଳିଜଳି ସଞ୍ଜବତୀ"

(ସାରା ରାତି, ପୃ-୨୨)

"ଗୋଲା ନୋଟିସି ନାଗିଲାଣି"

(ଖଳାକାମ ଚାଲିଚି, ପୃ-୭୨)

"ଅଳତା ନଗା ଛନ୍‌ଛନିଆ ପାହୁଲ"

(ଗୋଟିଏ ଗାଁର ଦୃଶ୍ୟ, ପୃ-୭୭)

"ଦୁଆର ମୁହଁ ନିପ (ନୂଆ'ଉ, ପୃ-୮୧) ଆଦିରେ 'ଲ' ସ୍ଥାନରେ 'ନ' ର ପ୍ରୟୋଗ କରିଛନ୍ତି।

'ନୂଆବୋଉ' ଶବ୍ଦକୁ କବି ନୂଆ 'ଉ' ରୂପେ ବ୍ୟବହାର କରିଛନ୍ତି। କବି 'ବ' ଧ୍ୱନିର ଲୋପ କରିଛନ୍ତି। ମଖସୁଖ ସୁବିଧା ପାଇଁ ଲୋକମାନେ ସରଳ ହେବାକୁ ଯାଇ ଶବ୍ଦକୁ ବିକୃତ କରି କହିଥାନ୍ତି। କବି ସେହି ଶବ୍ଦକୁ କବିତାର ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବହାର କରିଛନ୍ତି। ଆହୁରି ମଧ୍ୟ - ଦୁଖିଲାଣି, ଦିହ, ଥନରେ, ଆଦି ଶବ୍ଦ

ପ୍ରୟୋଗ କରିଛନ୍ତି।

"ତୁମକୁ ତକେଇ ତକେଇ କାହିଁକି ମୋର

ପାହି ଯାଉଥିଲା, ରାତି ରାତି"।।

(ବିମଳା ଖାଲ୍‌ସା, ପୃ-୫୧)

'ତକେଇ ତକେଇ'କୁ ଉତ୍ତର ଓଡ଼ିଶାର ଆଞ୍ଚଳିକ ଶବ୍ଦ ଭାବରେ ବ୍ୟବହାର କରନ୍ତି। ଏହାର ଅର୍ଥ ଚାହିଁବା।

"କୁହ! କେତେ ଦିନ ଆଉ ନିକେଇ ବି ପରଘର?" (କେମିତି କାଟୁଚି ଦିନ, ପୃ-୩୭)

ଗ୍ରାମାଞ୍ଚଳରେ 'ନିକେଇ' ଶବ୍ଦ ସଫା କରିବା ଅର୍ଥରେ ବ୍ୟବହାର ହୁଏ। କବିତାକୁ ସୁଖପାଠ୍ୟ ଓ ସରଳ କରିବା ପାଇଁ କବି ବହୁ ଆଞ୍ଚଳିକ ଶବ୍ଦର ପ୍ରୟୋଗ କରିଛନ୍ତି।

**ଅର୍ଥଗତ ବିଚ୍ୟୁତି**

ଗୋଟିଏ ଶବ୍ଦର ତିନୋଟି ଅର୍ଥ ଯଥା ଅବିଧା, ବ୍ୟଞ୍ଜନା, ଲକ୍ଷଣା ପରିଲକ୍ଷିତ ହୋଇଥାଏ। ବାକ୍ୟରେ ବ୍ୟବହୃତ ହୋଇଥିବା ଶବ୍ଦକୁ ଦୃଷ୍ଟିରେ ରଖି ବିଚାର କରାଯାଏ ଯେ ଏହା କେଉଁ ଅର୍ଥରେ ଗ୍ରହଣ କରାଯିବ। କବିତାରେ ପାଠକ ଶବ୍ଦର ଅର୍ଥ ଗ୍ରହଣ କରି ରସ ଆସ୍ୱାଦନ କରିଥାଏ। ବେଳେବେଳେ ପାଠକ ଆଶ୍ଚର୍ଯ୍ୟ ହୋଇଥାଏ ଯେ, ଶବ୍ଦାର୍ଥକୁ କେଉଁ ଅର୍ଥରେ ବ୍ୟବହାର କରିବ। ଗୋଟିଏ ଶବ୍ଦ ଅବିଧା ଅର୍ଥରେ ବ୍ୟବହୃତ ହୋଉଥିବା ବେଳେ ପାଖରେ ଥିବା ଅନ୍ୟ ଶବ୍ଦଟି ତାର ନିଜସ୍ୱ ଅର୍ଥ ହରାଇ ବା ପ୍ରଚଳିତ ଅର୍ଥକୁ ଛାଡ଼ି ଅନ୍ୟ କିଛି ଅର୍ଥରେ ବ୍ୟବହୃତ ହୋଇଥାଏ। ସେତେବେଳେ କବିତାରେ ଶବ୍ଦାର୍ଥଗତ ବ୍ୟତିକ୍ରମ ପରିଦୃଷ୍ଟ ହୁଏ। ଡ଼ ମାଲ୍ଲିକଙ୍କ 'ଫୁଲତୋଳା', 'ଆଜି କ'ଣ ବାଜିବ ମୂରଲୀ', 'କାନନରେ କୃଷ୍ଣ ବିଳମ୍ବିତ', 'ଉର୍ମିଳା' ଆଦି କବିତାରେ ଅର୍ଥଗତ ବ୍ୟତିକ୍ରମ ପରିଦୃଷ୍ଟ ହୋଇଥାଏ।

(କ) "କୁମ୍ଭୀର ପିଠିରେ ଫୁଟିଅଛି ଲକ୍ଷେ ଭାର ଫୁଲ" (ଫୁଲତୋଳା, ପୃ-୧୭)

(ଖ) "ବିନ୍ଦୁଏ ଲୁହରୁ ଗଜା ମୁରୁକେଇ ଫୁଟିଥାଏ ଫୁଲ"। (ଫୁଲତୋଳା, ପୃ-୧୮)

(ଗ) "ମେଘ କରେ କ୍ଷୀର ବୃଷ୍ଟି, ଭରିଯାଏ ନଦୀ ଓ ସାଗର" (କାନନରେ କୃଷ୍ଣ ବିଳମ୍ବିତ, ପୃ-୫୪)

(ଘ) "ଜହ୍ନରୁ ଆସଇ ଲମ୍ବି ହାତମାନ

ତାଙ୍କ ହାତ ପରି" (ଉର୍ମିଳା, ପୃ-୬୦)

କୁମ୍ଭୀର ପିଠିରେ ଫୁଲ ଫୁଟେ ନାହିଁ, ବିନ୍ଦୁଏ ଲୁହରୁ ମଧ୍ୟ ଗଜାମାରି ଫୁଲ ଫୁଟେ ନାହିଁ, ମେଘ କ୍ଷୀର ବୃଷ୍ଟି କରେ ନାହିଁ, ଜହ୍ନରୁ ଲମ୍ବି ଆସେ ନାହିଁ ହାତ, ଏହି ବାକ୍ୟଗୁଡ଼ିକରେ ଯୋଗ୍ୟତା ନାହିଁ। ଏହା ସହ ଅର୍ଥଗତ ଅସମାନତା ପରିଲକ୍ଷିତ ହେଉଥିଲା ବେଳେ ଗୋଟିଏ ଶବ୍ଦ ପ୍ରଚଳିତ ଅର୍ଥ ପ୍ରକାଶ କଲାବେଳେ ଅନ୍ୟ ଶବ୍ଦଟି ଭିନ୍ନ ଅର୍ଥ ପ୍ରକାଶ କରୁଛି। ଏହା କବିତାର ବୌଦ୍ଧିକ ଅର୍ଥକୁ ଅତିରଂଜିତ କରୁଅଛି।

(କ) "ଆଖି ଅଛି, ଯେପରିକି କିଛି ଦୁଶୁନାହିଁ

କାନ ଅଛି, ଯେପରିକି କିଛି ଶୁଭୁନାହିଁ

ଓଠ, ପାଟି ଅଛି ମୋର, ଜଡା ପାଲଟିଛି

ନାକ ମୁଁ ବିହିଛି , ମୋତେ ବାସୁନାହିଁ କିଛି"

(କେମିତି କାଟୁଚି ଦିନ, ପୃ-୩୮)

(ଖ) "ଅପୁତ୍ରିକ ଅପୁତ୍ରିକ

ଲାଗେ, ଥାଉଁ ଥାଉଁ କୋଳରେ କୁମର

ଦାସୀ, ମୁଦୁସୁଲୀ ମେଳେ, ଲାଗେ ମତେ

ଯମ ଦୂତ ଘେରିଛନ୍ତି ଅବା

ସ୍ୱାମୀ କଲେ ଆଲିଙ୍ଗନ, ଲାଗେ ମତେ ବିଧବା ବାଧବା"

(ଆଜି କ'ଣ ବାଜିବ ମୂରଲୀ, ପୃ-୪୨)

ଏହି ଦୁଇଟି ପଦରେ କବି ସବୁ ଅଛି ହେଲେ କିଛି ନାହିଁର ଅନୁଭବ କରୁଛନ୍ତି। ଅର୍ଥଗତ ଦୃଷ୍ଟିରୁ ବିପରୀତ ଅର୍ଥର ଶବ୍ଦ ପ୍ରୟୋଗ ହୋଇଛି। ଆଖି ଅଛି ଯେପରି 'ଅନ୍ଧ', କାନ ଅଛି ଯେପରି 'କାଲ', ପାଟି ଓଠ ଅଛି ହେଲେ 'ମୁକ' ପାଲଟିଛନ୍ତି, ନାକ ଅଛି ବାସୁନାହିଁ କିଛି ଠିକ୍ ସେହିପରି କୋଳରେ ପୁତ୍ର ଅଛି ହେଲେ ଅପୁତ୍ରିକର ଅନୁଭବ ହେଉଛି, ଦାସ ଦାସୀ ଅଛନ୍ତି ହେଲେ ଲାଗେ ଯମ ଦୂତ ମାନେ ଘେରିଛନ୍ତି, ସ୍ୱାମୀ ଅଛି ବିଧବା ପରି ଲାଗୁଛି। କବି କବିତାର ଚମତ୍କାରିତା ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ କବିତାର ଶବ୍ଦାର୍ଥରେ ନୂତନତାର ପ୍ରୟୋଗ କରିବାକୁ ଚେଷ୍ଟା କରିଥାନ୍ତି। ତାହା ଅର୍ଥର ବ୍ୟାପ୍ତି ସୃଷ୍ଟି କରେ ଓ ସାଧାରଣ ଅର୍ଥ ତ୍ୟାଗ କରି ଅସାଧାରଣ ଅର୍ଥ ଗ୍ରହଣ କରିଥାଏ। ତାହା ପାଠକର ହୃଦୟକୁ ଆହ୍ଲାଦିତ କରିଥାଏ।

ଲୁହ ଝରାନା ରେ ଝିଅ, କଜଳ ଘେନିବା ମନା ତୋତେ। (ଝିଅ : ଛେଳିଗୋଠ, ପୃ-୧୧)

ସାଧାରଣତଃ କଜଳକୁ ଲଗା ଯାଇଥାଏ ବା ଆଖିରେ ମଖା ଯାଇଥାଏ। କିନ୍ତୁ ଘେନିବା କ୍ରିୟାର ପ୍ରୟୋଗ କରି କବି ବ୍ୟାକରଣକୁ ଉଲଙ୍ଘନ କରିଛନ୍ତି। ଏଠାରେ ଅର୍ଥଗତ ବିଚ୍ୟୁତି ସୃଷ୍ଟି ହୋଇଛି।

ଅନ୍ୱୟଗତ ବା ବାକ୍ୟଗତ ବିଚ୍ୟୁତି ବାକ୍ୟର ପଦଗୁଡ଼ିକ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଗଠିତ ହୋଇଥାଏ। ବାକ୍ୟରେ କର୍ତ୍ତା, କର୍ମ, କ୍ରିୟା ଆଦି ପଦଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିଥାନ୍ତି। କବି କବିତାର ବାକ୍ୟ ଗଢିବା ସମୟରେ କୌଣସି ନିର୍ଦ୍ଦିଷ୍ଟ ନିୟମରେ ଆବୋଧ ହୋଇ ରହିବାକୁ ଇଛା କରନ୍ତି ନାହିଁ ସେତେବେଳେ ସେ ସବୁ ନିୟମକୁ ଲଙ୍ଘି ଯିବାକୁ ପ୍ରୟାସ କରିଥାନ୍ତି। କବିତାର ଅନ୍ତଃ ସୌନ୍ଦର୍ଯ୍ୟକୁ ଅତୁଟ ରଖି କବିତା ତା'ର ନିଜସ୍ୱ ତନୁ ରୂପ ନେଇ ଆଗକୁ ବଢିଚାଲେ। ଡ. ମଲ୍ଲିକଙ୍କ କବିତାଗୁଡ଼ିକରେ ଏହାର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ।

"ହାତ ବଢ଼େଇ ଦେଲେ ତ ଲୁହ ଝରିଯାଏରେ ପୁଅ"- (ଫୁଲ ତୋଳା, ପୃ-୧୮) କର୍ତ୍ତା ପଦରୁ ବାକ୍ୟ ଆରମ୍ଭ ହୋଇ ନାହିଁ। ଏହି ବାକ୍ୟରେ କର୍ତ୍ତା ପଦ ଶେଷରେ ପ୍ରୟୋଗ ହୋଇଛି।

କର୍ତ୍ତା କ୍ରିୟା କର୍ମର ବ୍ୟତିକ୍ରମ ହିଁ କବିତାକୁ ସୌନ୍ଦର୍ଯ୍ୟ ମଣ୍ଡିତ କରାଏ।
"ଥାଉ, ଫୁଲତୋଳା ପଛକୁ ଥାଉରେ ପୁଅ (ଫୁଲତୋଳା, ପୃ-୧୯)

ବାକ୍ୟର ଆରମ୍ଭରୁ କ୍ରିୟାପଦ ବ୍ୟବହାର ହୋଇଛି। ଏହା ମାନକ ବାକ୍ୟଗଠନ ନିୟମ ଅନୁସାରେ ଭୁଲ।

ବାକ୍ୟ ଆରମ୍ଭରେ ସାଧାରଣତଃ ଅବ୍ୟୟ ପଦର ବ୍ୟବହାର ହୋଇନଥାଏ। କବି 'ଆଜି କ'ଣ ବାଜିବ ମୁରଲୀ' କବିତାରେ ବାକ୍ୟ ଆରମ୍ଭରୁ 'ଅବ୍ୟୟ ପଦ' ପ୍ରୟୋଗ କରିଛନ୍ତି। ଅଧୁନା ଏହିପରି କାବ୍ୟିକ ଶୈଳୀର ପ୍ରୟୋଗ ଗଦ୍ୟରେ ଲକ୍ଷ୍ୟ କରାଯାଏ। ଯଥା:-

"ଯଦିଓ ଏ ନୂଆ ନୁହେଁ
ଘର ସାମ୍ନା ବଗିଚାରେ ପେଚାଙ୍କର ଦୁତ୍‌ଦୁତ୍ ଶବ୍ଦ
ଯଦିଓ ଏ ନୂଆ ନୁହେଁ"(ପୃ-୪୨)

ବାକ୍ୟ ଆରମ୍ଭରୁ ନାସ୍ତିବାଚକ ଓ ସମାପିକା କ୍ରିୟା ପଦ ପ୍ରୟୋଗ ହୁଏ ନାହିଁ। କବି 'ଫୁଲତୋଳା' କବିତାରେ ଏହାର ପ୍ରୟୋଗ କରିଛନ୍ତି। ଯଥା–

ନା, ଦେଖିନାହୁଁ : ଫୁଲମାନେ କିପରି ଦୋହଲୁଥାନ୍ତି
ସାପଫଣା ପରି......................! (ଫୁଲତୋଳା, ପୃ-୧୯)

କବିତାର ଭାଷା କୃତ୍ରିମ ଏହା କବିଙ୍କର ନିଜସ୍ୱ। କବି ନିଜେ ନିୟମ ଗଢନ୍ତି ଓ ଭାଙ୍ଗନ୍ତି ମଧ୍ୟ। କବି ନିଜ କବିତାରେ ସ୍ୱୟଂ ବ୍ରହ୍ମା।

ସାଧୁର ଦିହକୁ ମୋର ଘିନା ଘିନା ଆଖି ଛାଟୁଛନ୍ତି। (କେମିତି କାଟୁଚି ଦିନ, ପୃ-୩୮)

ଏହି ବାକ୍ୟରେ ଆଖି ଛାଟିବା କଥା କୁହାଯାଇଛି। ବାକ୍ୟରେ ଯୋଗ୍ୟତା ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଆଖିକୁ କେବେ ଛଟା ଯାଇ ପାରେ ନାହିଁ। ଏଣୁ ଏଠାରେ ବାକ୍ୟଗତ ବିଚ୍ୟୁତି ହୋଇ ଅର୍ଥଗତ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରୁଛି।

ସର୍ବଦା ସର୍ଜନାତ୍ମକ କୃତିର ଭାଷା ସମାଲୋଚନା ତଥା ମାନକ ଭାଷାଠାରୁ ଭିନ୍ନ। ଚମତ୍କାରିତା ତଥା ପାଠକୀୟ ଆଦୃତିକୁ ମୁଖ୍ୟପ୍ରସଙ୍ଗ କରି ସ୍ରଷ୍ଟା ଏପରି କରିଥାଏ। ଏଣୁ ବିଚ୍ୟୁତି ହେଉଛି ମାନକଭାଷା ପ୍ରୟୋଗର ଉଲଂଘନ, ବ୍ୟତିକ୍ରମ ବା ଅତିକ୍ରମଣ।।

ମାନକ ଭାଷାର ନିୟମକୁ ଅତିକ୍ରମ କଲା ପରେ ଯଦି କବିତା ପାଠକୀୟ ଆଦୃତି ପାଏ, ଭାବନା ପ୍ରକାଶରେ ବାଧକ ନଥାଏ ତେବେ ତାହା ସ୍ରଷ୍ଟାର ବିଚକ୍ଷଣ ବୁଦ୍ଧିମତାକୁ ପ୍ରକାଶ କରେ। ନୂତନ କରିବା, ଅନ୍ୟଠାରୁ ଭିନ୍ନ କରିବା ଆଦି ନିଶାରେ ସ୍ରଷ୍ଟା ଏପରି କରିଥାଏ। ସ୍ରଷ୍ଟା ପାଇଁ ଭାଷା ଅପେକ୍ଷା ଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଭାବ ସହିତ ହୃଦୟ ଏବଂ ମସ୍ତିଷ୍କ ଉଭୟର ସଂପର୍କ ଥାଏ। ଯଦି ମାନକ ଭାଷାର ଉଲଙ୍ଘନ କରି କବି ପାଠକ ହୃଦୟର ନିକଟବର୍ତ୍ତୀ ହୋଇପାରୁଛି ତେବେ ଏହି ଉଲଙ୍ଘନ ଦୋଷାବହ ନହୋଇ ଭାବ ପ୍ରକାଶର ମାଧ୍ୟମ ହୁଏ। ଯାହାକୁ ଶୈଳୀ ବିଜ୍ଞାନରେ ବିଚ୍ୟୁତି କୁହାଯାଏ। ଏହି ବିଚ୍ୟୁତି ହିଁ କାବ୍ୟ ସୌନ୍ଦର୍ଯ୍ୟ ତଥା ସ୍ରଷ୍ଟାର ଶୈଳୀ। ହୃଷିକେଶ ମଲ୍ଲିକଙ୍କ 'ଧାନ ସାଉଁଟା ଝିଅ' କବିତା ସଂକଳନରେ ବିଚ୍ୟୁତି ତାଙ୍କ ଶୈଳୀଗତ ପାରିବା ପଣିଆର ସାର୍ଥକତା।

**ସଙ୍କେତ ସୂଚୀ:**

୧. ଚତୁର୍ବେଦୀ, ଶାରଦା। ଶୈଳୀ ବିଜ୍ଞାନ ଏକ ବିଶ୍ଳେଷଣାତ୍ମକ ଦୃଷ୍ଟି, ଭାରତୀୟ ବିଦ୍ୟା ସଂସ୍ଥାନ, ବନାରସ, ପ୍ରଥମ ସଂସ୍କରଣ, ୨୦୧୫।

୨. ତିଓ୍ୱାରୀ, ଭୋଳାନାଥ। ଶୈଳୀ ବିଜ୍ଞାନ, କିତାବଘର ପ୍ରକାଶନ, ନୂଆଦିଲ୍ଲୀ, ୨୦୧୮।

୩. ନାଥ, ଗଗନେନ୍ଦ୍ର ଏବଂ ମହାନ୍ତି, ପଞ୍ଚାନନ। ଶୈଳୀ ବିଜ୍ଞାନ, ଓଡ଼ିଆ ଗବେଷଣା ପରିଷଦ, କଟକ, ପ୍ରଥମ ସଂସ୍କରଣ, ୧୯୮୯।

୪. ପତି, ମଧୁସୂଦନ ଏବଂ ମହାପାତ୍ର, ଅଶୋକ କୁମାର। ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ସମାଲୋଚନା, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୯୫।

୫. ପ୍ରଧାନ, ସବିତା। ଭାଷା-ଶୈଳୀ ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ସଂସ୍କରଣ, ୨୦୦୫।

୬. ମଲ୍ଲିକ, ହୃଷିକେଶ। ଧାନ ସାଉଁଟା ଝିଅ, ବ୍ଲାକ ଇଗଲ ବୁକ୍ସ, ଭୁବନେଶ୍ୱର, ପ୍ରଥମ ଆନ୍ତର୍ଜାତୀୟ ସଂସ୍କରଣ, ୨୦୨୦।

**CC BY-NC 4.0**
ଶୈଳୀ ବିଜ୍ଞାନର ବିଚ୍ୟୁତି ପ୍ରସଙ୍ଗ : ଧାନ ସାଉଁଟା ଝିଅ © 2025 by ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/